# NATIONAL NEWS BULLETIN (ODIA)
## 31 January-2025
### Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ସଂସଦର ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ।

– ଉଭୟ ଗୃହର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ ରାଷ୍ଟ୍ରପତି

- ମହାକାଶ କ୍ଷେତ୍ରରେ ପୁଞ୍ଜି ନିବେଶ ଲାଗି ନିବେଶକଙ୍କୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ।
- ମହାକୁମ୍ଭମେଳା ଦୁର୍ଘଟଣାର ତଦନ୍ତ ପାଇଁ ଆଜି ଘଟଣାସ୍ଥଳ ପରିଦର୍ଶନ କରିବେ ନ୍ୟାୟିକ କମିଶନ
- ଆମେରିକା ବିମାନ ଦୁର୍ଘଟଣାରେ ସମସ୍ତ ଯାତ୍ରୀ ମୃତ ମୃତ୍ୟୁ ହୋଇଛି ବୋଲି କହିଲେ ରାଷ୍ଟ୍ରପତି ଟ୍ରମ୍ପ

ଏବଂ

- ହକି ଇଣ୍ଡିଅ ଲିଗ୍‌ର ଦୁଇଟିଯାକ ସେମିଫାଇନାଲ୍ ମ୍ୟାଚ୍ ଆଜି ଖେଳାଯିବ ରାଉରକେଲାରେ ।

## ସଂସଦ ଅଧିବେଶନ

ସଂସଦର ବଜେଟ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ଉଭୟ ଗୃହର ମିଳିତ ଅଧିବେଶନକୁ ଏହି ଅବସରରେ ପ୍ରଥମେ ସମ୍ବୋଧନ କରିବେ । ଏହାପରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଉଭୟ ଗୃହରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିବେ ।

ଏ ସଂପର୍କରେ ସୂଚନା ଦେଇ ଆମ ସମ୍ବାଦଦାତା କହିଛନ୍ତି, ଦେଶର ସାଂପ୍ରତିକ ଅର୍ଥନୈତିକ ସ୍ଥିତି ଏବଂ ଭବିଷ୍ୟତର କାର୍ଯ୍ୟପନ୍ଥାର ସମୀକ୍ଷା କରାଯାଇ ଏହି ଅର୍ଥନୈତିକ ସର୍ଭେ ରିପୋର୍ଟ ପ୍ରସ୍ତୁତ କରାଯାଇଛି । ଅର୍ଥନୈତିକ ବ୍ୟାପାର  ଅଧୀନରେ କାର୍ଯ୍ୟ କରୁଥିବା ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତାଙ୍କ ତତ୍ତ୍ୱାବଧାନରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି । ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ ଆସନ୍ତାକାଲି ସଂସଦରେ କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରିବେ । ଏହା ପରେ ଉଭୟ ଲୋକସଭା ଓ ରାଜ୍ୟସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣର ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା କରାଯିବ । ଏହି ଅଧିବେଶନରେ ଆଲୋଚନା ଲାଗି ଅର୍ଥ ବିଲ୍ ୨୦୨୫, ଓ୍ୱାକଫ୍ ସଂଶୋଧନ ବିଲ୍ ୨୦୨୪, ବ୍ୟାଙ୍କିଙ୍ଗ  ଆଇନ ସଂଶୋଧିତ ବିଲ୍ ୨୦୨୪ ଓ ରେଳବାଇ ସଂଶୋଧନ ବିଲ୍ ୨୦୨୪ ସମେତ ମୋଟ୍ ୧୬ଟି ବିଲ୍‌କୁ ତାଲିକାଭୁକ୍ତ କରାଯାଇଛି । ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଆଜିଠାରୁ ଆରମ୍ଭ ହୋଇ ଆସନ୍ତାମାସ ୧୩ ତାରିଖ ପର୍ଯ୍ୟନ୍ତ

ଚାଲିବାକୁ ଥିବା ବେଳେ ଏହାର ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୧୦ରୁ ଏପ୍ରିଲ୍୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

ତେବେ ଫେବୃୟାରୀ ୫ ତାରିଖରେ ଜାତୀୟ ରାଜଧାନୀ ଦିଲ୍ଲୀରେ ବିଧାନସଭା ନିର୍ବାଚନ ଥିବାରୁ ସେହିଦିନ ସଂସଦର କାର୍ଯ୍ୟ ବନ୍ଦ ରହିବ ।

# ପିଏମ୍-ସ୍ପେସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହାକାଶ କ୍ଷେତ୍ରରେ ନିବେଶ କରିବା ଲାଗି ପୁଞ୍ଜି ନିବେଶକମାନଙ୍କୁ ଆହ୍ୱାନ ଦେଇଛନ୍ତି । ଏକ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ ଗତ ୧୦ ବର୍ଷ ମଧ୍ୟରେ ଦେଶର ମହାକାଶ ଯାତ୍ରା ସଂପର୍କିତ ତଥ୍ୟ ଦେଇ ଏହା କହିଛନ୍ତି । ସେ କହିଛନ୍ତି ୨୦୧୪ ମସିହାରୁ ଆଜିପର୍ଯ୍ୟନ୍ତ ଭାରତ ୪୫୭ଟି ଉପଗ୍ରହ ଉତ୍କ୍ଷେପଣ କରିଛି । ସେହିଭଳି ଏହି ସମୟ ମଧ୍ଯରେ ମୋଟ୍ ୩୯୮ଟି ବିଦେଶୀ ଉପଗ୍ରହ ମଧ୍ୟ ଭାରତ ଦ୍ୱାରା ଉତ୍କ୍ଷେପଣ କରାଯାଇଛି । ତେବେ ୨୦୧୪ ପୂର୍ବରୁ ମାତ୍ର ୩୫ଟି ବିଦେଶୀ ଉପଗ୍ରହ ଭାରତ ଉତ୍କ୍ଷେପଣ କରିଥିଲା ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

# ମହାକୁମ୍ଭ

ମହାକୁମ୍ଭ ମେଳା ଦୁର୍ଘଟଣାର ତଦନ୍ତ ପାଇଁ ଉତ୍ତରପ୍ରଦେଶ ସରକାର ଗଠନ କରିଥିବା ବିଚାରବିଭାଗୀୟ କମିଶନ ଆଜି ପ୍ରୟାଗରାଜର ସଂଗମ ଘାଟ ପରିଦର୍ଶନ କରିବେ । ଏହି କମିଶନ ଘଟଣାର କାରଣ ଓ

ପାରିପାର୍ଶ୍ୱିକ ଅବସ୍ଥା ଉପରେ ଅନୁଧ୍ୟାନ କରିବା ସହିତ ଭବିଷ୍ୟତରେ ଏହି ଘଟଣାର ଯେଭଳି ପୁନରାବୃତ୍ତି ନ ହୁଏ, ସେଥିପାଇଁ ପଦକ୍ଷେପ ନେବା ଲାଗି ସରକାରଙ୍କୁ ପରାମର୍ଶ ଦେବେ । ଆହ୍ଲାବାଦ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ହର୍ଷ କୁମାରଙ୍କ ଅଧ୍ୟକ୍ଷତାରେ ଗଠିତ ୩ ସଦସ୍ୟ ବିଶିଷ୍ଟ ଏହି ନ୍ୟାୟିକ କମିଶନ  ତାଙ୍କ ରିପୋର୍ଟ ଏକମାସ ମଧ୍ୟରେ ଉତ୍ତରପ୍ରଦେଶ ସରକାରଙ୍କୁ ପ୍ରଦାନ କରିବେ ।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନିର୍ଦ୍ଦେଶରେ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ କୁମାର ସିଂ ଓ ପୋଲିସ୍ ମହାନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଗତକାଲି ପ୍ରୟାଗରାଜସ୍ଥିତ ମହାକୁମ୍ଭମେଳାର ସଂଗମ ଘାଟ ପରିଦର୍ଶନ କରିବା ସହିତ ଏହି ଦୁର୍ଘଟଣାରେ ୩୦ ଜଣଙ୍କର ମୃତ୍ୟୁ ହୋଇଥିବା ସ୍ଥାନକୁ ମଧ ନିରୀକ୍ଷଣ କରିଛନ୍ତି । ଆଗାମୀ ଅମୃତ ସ୍ନାନଗୁଡ଼ିକ ଲାଗି ତ୍ରୁଟିଶୂନ୍ୟ ବ୍ୟବସ୍ଥା କରିବା ସହିତ ଜନସଚେତନତା ସୃଷ୍ଟି କରିବା ଉପରେ ମଧ୍ୟ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ଲାଗି ରାଜ୍ୟର ଏହି ଦୁଇ ବରିଷ୍ଠ ଅଧିକାରୀ ସ୍ଥାନୀୟ ପ୍ରଶାସନକୁ ପରାମର୍ଶ ଦେଇଛନ୍ତି ।

ପ୍ରୟାଗରାଜକୁ ଆସନ୍ତାମାସ ୪ ତାରିଖ ପର୍ଯ୍ୟନ୍ତ କୌଣସି ଯାନବାହାନ ପ୍ରବେଶ କରିପାରିବ ନାହିଁ ବୋଲି ସାମାଜିକ ଗଣମାଧ୍ୟମରେ ଘୂରିବୁଲୁଥିବା ଏକ ସମ୍ବାଦକୁ ପ୍ରୟାଗରାଜ ଜିଲ୍ଲାପାଳ ରବିନ୍ଦ୍ର କୁମାର

ମନ୍ଦାର ଖଣ୍ଡନ କରିଛନ୍ତି । ଏ ସଂପର୍କରେ ଏକ ଭିଡ଼ିଓ ବାର୍ତ୍ତା ଦେଇ ଶ୍ରୀ ମନ୍ଦାର କହିଛନ୍ତି ଆଜି, ଆସନ୍ତାକାଲି ଏବଂ ଫେବୃୟାରୀ ୪ ତାରିଖ ଦିନ ଯାନବାହାନ ଚଳାଚଳରେ କୌଣସି ପରିବର୍ତ୍ତନ କରାଯିବ ନାହିଁ । ତେବେ ଫେବୃୟାରୀ ୨ ଓ ୩ ତାରିଖ ଦିନ ବସନ୍ତ ପଞ୍ଚମୀ ଲାଗି ଅମୃତସ୍ନାନ ଅନୁଷ୍ଠିତ ହେବାକୁ ଥିବାରୁ କେବଳ ସେହି ଦୁଇଦିନ ପ୍ରୟାଗରାଜକୁ ଯାନବାହାନ ପ୍ରବେଶ ଉପରେ କଟକଣା ଲଗାଯାଇଛି ବୋଲି ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି ।

## ୟୁଏସ୍-ପ୍ଲେନ୍ କ୍ରାସ୍

ଯୁକ୍ତରାଷ୍ଟ୍ର ଆମେରିକାର ୱାଶିଂଟନ୍ ଡିସି ଠାରେ ବାୟୁପଥରେ ଆମେରିକାର ଏକ ଯାତ୍ରୀବାହୀ ବିମାନ ସହିତ ସେନାର ଏକ ହେଲିକପ୍ଟର ଧକ୍କା ହେବା ଫଳରେ ୬୪ ଜଣଙ୍କର ମୃତ୍ୟୁ ହୋଇଛି । ଏହି ଦୁର୍ଘଟଣାରେ କୌଣସି ବ୍ୟକ୍ତି ଜୀବିତ ନାହାନ୍ତି ବୋଲି ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି । ଗତକାଲି ରାତିରେ ହ୍ୱାଇଟ୍ ହାଉସ୍ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇ ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି, ଏହି ଦୁର୍ଘଟଣାର କାରଣ ସଂପର୍କରେ ତଦନ୍ତ ଜାରି ରହିଛି । ଏହି ଦୁଃଖଦ ଘଟଣାରେ ସମଗ୍ର ଦେଶରେ ଏକ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ ଆମେରିକାର ରୋନାଲ୍ଡ ରେଗାନ୍ ଜାତୀୟ ବିମାନ ବନ୍ଦର ନିକଟରୁ ୬୪ ଜଣ ବ୍ୟକ୍ତିଙ୍କୁ ନେଇ ଯାଉଥିବା ଆମେରିକୀୟ ଏୟାର ଲାଇନ୍ସର ବିମାନ ୩ ଜଣ ସୈନିକଙ୍କୁ ନେଇ ଯାଉଥିବା ସେନାର ହେଲିକପ୍ଟର ସହିତ ଧକ୍କା ହୋଇଥିଲା । ରୁଷ୍‌ର ୨ ଜଣ ବିଶିଷ୍ଟ ବ୍ୟକ୍ତି ଏଫ୍‌ଗେନିଆ ସିସ୍କୋଭା ଏବଂ ଭାଡିମ୍ ନୋମୋଙ୍କ ସମେତ ଅନ୍ୟ ରୁଷ ନାଗରିକ ଏହି ଯାତ୍ରୀବାହୀ ବିମାନରେ ଥିଲେ ବୋଲି କ୍ରେମ୍‌ଲିନ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି ।

## ଦିଲ୍ଲୀ କ୍ୟାମ୍ପେନ୍

ଆସନ୍ତାମାସ ୫ ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ପ୍ରଚାର କାର୍ଯ୍ୟ ସରଗରମ ହୋଇଛି । ବିଭିନ୍ନ ଦଳର ବରିଷ୍ଠ ନେତୃବୃନ୍ଦ ସେଠାରେ ରୋଡ୍ ଶୋ', ଜନସମାବେଶ, ର୍‍ୟାଲି ତଥା ଘରକୁଘର ବୁଲି ଭୋଟରମାନଙ୍କୁ ନିଜ ନିଜ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଆକୃଷ୍ଟ କରିବା ଲାଗି ପ୍ରଚେଷ୍ଟା ଜାରି ରଖିଛନ୍ତି ।

ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ ଗତକାଲି ବିଶ୍ୱାସନଗର ବିଧାନସଭା ମଣ୍ଡଳୀରେ ଅନୁଷ୍ଠିତ ଏକ ନିର୍ବାଚନୀ ସମାବେଶରେ ଉଦ୍‌ବୋଧନ ଦେଇ କହିଛନ୍ତି ଯେ ଦେଶରେ ବିଜେପି ହିଁ ଏକମାତ୍ର ଦଳ ଯିଏକି ସମସ୍ତ ପ୍ରତିଶ୍ରୁତିକୁ ନିଷ୍ଠାର ସହ ପାଳନ କରିଥାଏ । ଗତ ୧୦ବର୍ଷ ଧରି ଦିଲ୍ଲୀରେ କ୍ଷମତାରେ ଥିଲେ ମଧ୍ୟ ଆମ ଆଦମୀ ପାର୍ଟି

ସରକାର ଜାତୀୟ ରାଜଧାନୀକୁ ରୂପାନ୍ତରୀକରଣ କରିବାରେ ବିଫଳ ହୋଇଛନ୍ତି ବୋଲି ଶ୍ରୀ ସିଂ ଅଭିଯୋଗ କରିଛନ୍ତି । ସେହିଭଳି ଚାନ୍ଦିନୀଚୌକ ବିଧାନସଭା ମଣ୍ଡଳୀରେ ଅନୁଷ୍ଠିତ ଏକ ସମାବେଶରେ ବିଜେପି ନେତା ତଥା ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି ଭଲ କାର୍ଯ୍ୟ କରି ବିଜେପି ଆସାମ, ଉତ୍ତରପ୍ରଦେଶ ସମେତ ଅନ୍ୟାନ୍ୟ ରାଜ୍ୟରେ ସାଧାରଣ ଜନତାଙ୍କର ବିଶ୍ୱାସଭାଜନ ହୋଇପାରିଛି ।

ବିଜେପିର ଅନ୍ୟତମ ବରିଷ୍ଠ ନେତା ତଥା ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କରସିଂ ଧାମୀ ମଧ୍ୟ ପଶ୍ଚିମ ବିନୋଦ ନଗରରେ ଆୟୋଜିତ ଏକ ଜନସମାବେଶରେ ଉଦ୍‌ବୋଧନ ଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ଅନ୍ୟପକ୍ଷରେ ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ ଆମ୍ ଆଦମୀ ପାର୍ଟିର ସମର୍ଥନରେ ଗତକାଲି ଦିଲ୍ଲୀରେ ଏକ ରୋଡ୍ ଶୋ' କରିଥିଲେ । ଆପ୍ ସରକାରଙ୍କ ସୁଶାସନ ଏବଂ ସମୟୋଚିତ ନିଷ୍ପତ୍ତି ଯୋଗୁଁ ଦିଲ୍ଲୀର ଗରିବ ଓ ସାଧାରଣ ଜନତା ଉପକୃତ ହୋଇଛନ୍ତି ବୋଲି ଶ୍ରୀ ଯାଦବ କହିଛନ୍ତି ।

## ନିଉଦିଲ୍ଲୀ - ୱାର୍ଲଡ ବୁକ୍ ଫେୟାର

ନୂଆଦିଲ୍ଲୀ ବିଶ୍ୱ ପୁସ୍ତକ ମେଳା-୨୦୨୫ ଆସନ୍ତାକାଲିଠାରୁ ଭାରତ ମଣ୍ଡପମ୍‌ଠାରେ ଆରମ୍ଭ ହେବ । ଚଳିତ ବର୍ଷ ଏହି ମେଳାର ଶୀର୍ଷକ ରହିଛି "ଆମେ ଭାରତବାସୀ" । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୯ ଦିନ ଧରି ଅନୁଷ୍ଠିତ

ହେବାକୁ ଥିବା ଏହି ପୁସ୍ତକ ମେଳାକୁ ଉଦ୍‌ଘାଟନ କରିବେ । ଆକାଶବାଣୀ ସମ୍ବାଦ ବିଭାଗକୁ ସୂଚନା ଦେଇ ନ୍ୟାସନାଲ୍ ବୁକ୍ ଟ୍ରଷ୍ଟର ନିର୍ଦ୍ଦେଶକ ଯୁବରାଜ ମଲିକ୍ କହିଛନ୍ତି, ଏହି ପୁସ୍ତକମେଳାରେ ରୁଷ୍ ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି । ବିଶେଷକରି ଫ୍ରାନ୍ସ, ଆର୍ଜେଣ୍ଟିନା, ସ୍ପେନ୍, କଲମ୍ବିଆ, ଆବୁଧାବି ଓ କାତାର ସମେତ ୫୦ଟି ଦେଶ ଏଥିରେ ଅଂଶଗ୍ରହଣ କରିବେ । ଏହି ପୁସ୍ତକମେଳାରେ ୨ ହଜାର ପ୍ରକାଶକଙ୍କ ସମେତ ଏକ ହଜାର ବକ୍ତା ଯୋଗଦେବେ ବୋଲି ସେ କହିଛନ୍ତି ।

## ହକି

ହକି ଇଣ୍ଡିଅ ଲିଗ୍‌ରେ ୨ଟିଯାକ ସେମିଫାଇନାଲ୍ ମ୍ୟାଚ୍ ଆଜି ଖେଳାଯିବ । ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମରେ ସନ୍ଧ୍ୟା ୬ଟା ବେଳେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ସେମିଫାଇନାଲ୍‌ରେ ଶ୍ରାଚୀ ରାର୍ ବେଙ୍ଗଲ ଟାଇଗର୍ସ ଓ ତାମିଲନାଡୁ ଡ୍ରାଗନ୍ସ ମଧ୍ୟରେ ମୁକାବିଲା ହେବ । ସେହିଭଳି ରାତି ୮ଟା ୧୫ ମିନିଟ୍‌ରେ ଦ୍ୱିତୀୟ ସେମିଫାଇନାଲ୍‌ରେ ଜେ.ଏସ୍.ଡବ୍ଲୁ. ସୁର୍‌ମା ହକି କ୍ଲବ୍’ ହାଇଦ୍ରାବାଦ ତୁଫାନ୍ସକୁ ଭେଟିବ ।

ଶ୍ରାଚୀ ରାର୍ ବେଙ୍ଗଲ ଟାଇଗର୍ସ ଓ ସୁର୍‌ମା ହକି କ୍ଲବ୍ ୧୯ ପଏଣ୍ଟ ଲେଖାଏଁ ପାଇଥିବା ବେଳେ ହାଇଦ୍ରାବାଦ ତୁଫାନ୍ସ ଏବଂ ତାମିଲନାଡୁ ଡ୍ରାଗନ୍ସ ୧୮ ପଏଣ୍ଟ ପାଇଛନ୍ତି ।

# କ୍ରିକେଟ୍

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚତୁର୍ଥ ଟି-୨୦ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ଆଜି ପୁଣେର ମହାରାଷ୍ଟ୍ର କ୍ରିକେଟ ଆସୋସିଏସନ୍ ଷ୍ଟାଡିୟମରେ ଅନୁଷ୍ଠିତ ହେବ । ଏହି ମ୍ୟାଚ୍ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ। ଏହି ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ବର୍ତ୍ତମାନ ସୁଦ୍ଧା ଭାରତ ୨-୧ରେ ଅଗ୍ରଣୀ ରହିଛି । ଗତ ମଙ୍ଗଳବାର ଦିନ ଅନୁଷ୍ଠିତ ତୃତୀୟ ମ୍ୟାଚ୍‌ରେ ଇଂଲଣ୍ଡ ଭାରତକୁ ୨୬ ରନ୍‌ରେ ପରାସ୍ତ କରିଥିଲା ।

# ଓମେନ୍ କ୍ରିକେଟ୍

ଆଇସିସି ୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ୍‌ରେ ଆଜି ଭାରତ ଓ ଇଂଲଣ୍ଡ ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ମଧ୍ୟାହ୍ନ ୧୨ଟାରେ କ୍ୱାଲାଲାମ୍ପୁରର ବେଓମାସ୍ ଓଭାଲ୍ ଠାରେ ଏହି ମ୍ୟାଚ୍ ଖେଳାଯିବ । ନିକି ପ୍ରସାଦ ଭାରତୀୟ ଦଳର ଅଧିନାୟକତ୍ୱ କରୁଛନ୍ତି ।

ଭାରତୀୟ ସମୟ ଆଜି ସକାଳ ୮ଟାରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ସେମିଫାଇନାଲ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା' ଅଷ୍ଟ୍ରେଲିଆ ମଧ୍ୟରେ ମୁକାବିଲା ହେବ । ଆସନ୍ତା ରବିବାର ଦିନ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।